● ମହାରାଷ୍ଟ୍ରରେ ଜୁଲାଇ ୩୧ ପର୍ଯ୍ୟନ୍ତ ବଢ଼ିଲା ଲାକଡାଉନ୍

ମୁମ୍ବାଇ, ୨ ୯।୬/ଏଜେନ୍ସି : ମହାରାଷ୍ଟ୍ରରେ କୋଭିଡ୍ ସଂକ୍ରମଣ ବୃତ୍ତଗତିରେ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ଲକଡାଉନ୍‌କୁ ଅସରା ଜୁଲାଇ ୩୧ ପର୍ଯ୍ୟନ୍ତ ବଢାଇ ଦେଇଛନ୍ତି। ଅତି ଜରୁରୀ ନଥିବା କାର୍ଯ୍ୟକଳାପ ଉପରେ ନିଷେଧାଜ୍ଞା ଲଗାଇବାକୁ ସରକାର ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରମାନଙ୍କୁ କ୍ଷମତା ପ୍ରଦାନ କରିଛନ୍ତି। ତେବେ ଅତ୍ୟାବଶ୍ୟକ କାର୍ଯ୍ୟ ଯଥା ସ୍ୱାସ୍ଥ୍ୟ ସେବା ଆଦିକୁ ଏହି ଲକ୍‌ଡାଉନ୍ ସମୟରେ ଅନୁମତି ମିଳିବ। ଜରୁରୀ ସେବା ଯୋଗାଉଥିବା ସରକାରୀ ବିଭାଗ ଯଥା ସ୍ୱାସ୍ଥ୍ୟ ବିଭାଗ, ପୁଲିସ, ବିପର୍ଯ୍ୟୟ ପରିଚାଳନା ବିଭାଗ, ବ୍ୟାଙ୍କ, ପୌରସଂସ୍ଥା, ପ୍ରଶାସନିକ ଅଫିସ ଆଦି ଖୋଲାରହିବ। ଅଣଜରୁରୀ ସରକାରୀ ଅଫିସଗୁଡିକ ୧୫ ପ୍ରତିଶତ କର୍ମଚାରୀ ବା ୧୫ ଜଣ କର୍ମଚାରୀ (ଯେଉଁଟି ଅଧିକ)କୁ ନେଇ ଚଲିପାରିବ। ଘରୋଇ ବ୍ୟାପାର ଅଫିସଗୁଡିକ ୧୦ ପ୍ରତିଶତ କର୍ମଚାରୀ ବା ୧୦ ଜଣ କର୍ମଚାରୀ (ଯେଉଁଟି ଅଧିକ)କୁ ନେଇ ଚଲିପାରିବ।

● ଏନ୍‌କାଉଣ୍ଟରରେ ୩ ଆତଙ୍କୀ ନିହତ

ଶ୍ରୀନଗର, ୨ ୯।୬/ଏଜେନ୍ସି : ସେନାଙ୍କର ସଜାଗ ସୁରକ୍ଷାବାହିନୀ ଏକ ବଡ଼ ସଫଳତା ହାସଲ କରିଛି। ଦକ୍ଷିଣ କଶ୍ମୀରସ୍ଥିତ ଅନନ୍ତନାଗ ଜିଲ୍ଲାରେ ସୁରକ୍ଷାବାହିନୀ ଦ୍ୱାରା ଏନ୍‌କାଉଣ୍ଟରରେ ତିନିଜଣ ଆତଙ୍କୀଙ୍କ ମୃତ୍ୟୁ ହୋଇଛି। ଏହି ଅପରେସନ ଜଣ୍ଟ କଶ୍ମୀର ପୁଲିସ, ସେନା ଏବଂ ସିଆର୍‌ପିଏଫ୍ ପକ୍ଷରୁ ମିଳିତ ଭାବେ କରାଯାଇଥିଲା। ସେ ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବା ପୁଲିସକୁ ଖବର ମିଳିବା ପରେ ସେମାନେ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ତଲାସୀ ଅଭିଯାନ ସମୟରେ ସୁରକ୍ଷାବାହିନୀଙ୍କ ଉପରକୁ ଆତଙ୍କୀମାନେ ଗୁଳି ଚଳାଇବା ପରେ ଏନ୍‌କାଉଣ୍ଟରର ସୂତ୍ରପାତ ହୋଇଥିଲା। ତେବେ ଏହି ଏନ୍‌କାଉଣ୍ଟରରେ ନିହତ ଆତଙ୍କୀଙ୍କ ମଧ୍ୟରେ ଆତଙ୍କବାଦୀ ସଂଗଠନ ହିଜବୁଲ ମୁଜାହିଦିନ୍‌ର କମାଣ୍ଡର ମାସୁଦ ଅହମ୍ମଦ ଭାଟ ସାମିଲ ଅଛି।

● ଏଲ୍‌ଏନ୍‌ଜେପି ବରିଷ୍ଠ ଡାକ୍ତରଙ୍କ କରୋନାରେ ମୃତ୍ୟୁ

ନୂଆଦିଲ୍ଲୀ, ୨ ୯।୬/ଏଜେନ୍ସି : ନୂଆଦିଲ୍ଲୀସ୍ଥିତ ଲୋକନାୟକ ଜୟପ୍ରକାଶ ନାରାୟଣ(ଏଲ୍‌ଏନ୍‌ଜେପି) ହସ୍ପିଟାଲ୍‌ର ଆନାସ୍ଥେସିଆ ବିଭାଗର ବରିଷ୍ଠ ଡାକ୍ତର ଅସୀମ ଗୁପ୍ତାଙ୍କର କରୋନାରେ ମୃତ୍ୟୁ ହୋଇଛି। ୫୬ବର୍ଷୀୟ ଡାକ୍ତର ଗୁପ୍ତା ଜୁନ୍ ୬ରେ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ସେ କୋଭିଡ୍ ରୋଗୀଙ୍କୁ ଚିକିତ୍ସା କରୁଥିଲେ। କରୋନା ଆକ୍ରାନ୍ତ ଜଣାପଡ଼ିବା ପରେ ଜୁନ୍ ୬ରେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଆଡ଼କୁ ଗତି କରିଥିଲା ବୋଲି ଏଲ୍‌ଏନ୍‌ଜେପିର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଡାକ୍ତର ଗୁପ୍ତାଙ୍କ ପତ୍ନୀ ମଧ୍ୟ ଜିଣ୍ଡିଦିନ ପୂର୍ବରୁ କୋଭିଡ୍- ୧୯ରେ ଆକ୍ରାନ୍ତ ହୋଇଥିଲେ, ତେବେ ସେ ବର୍ତ୍ତମାନ ସୁସ୍ଥ ଅଛନ୍ତି।

● ପ୍ଲାଜ୍‌ମା ବ୍ୟାଙ୍କ୍ ଖୋଲିବେ ଦିଲ୍ଲୀ ସରକାର

ନୂଆଦିଲ୍ଲୀ, ୨ ୯।୬/ଏଜେନ୍ସି : କରୋନା ପୀଡ଼ିତଙ୍କ ଚିକିତ୍ସା ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍ ପ୍ଲାଜ୍‌ମା ବ୍ୟାଙ୍କ୍ ଖୋଲିବାକୁ ନିଷ୍ପତ୍ତି ନେଇଥିବା ସୋମବାର ଏକ ପ୍ରେସ୍‌ମିଟ୍‌ରେ କହିଛନ୍ତି। ଆଗାମୀ ଦୁଇଦିନ ମଧ୍ୟରେ ଦୁଇଟି ପ୍ଲାଜ୍‌ମା ବ୍ୟାଙ୍କ୍ ଆରମ୍ଭ କରାଯିବ ବୋଲି କେଜରିୱାଲ୍ ସୂଚନା ଦେଇଛନ୍ତି। ପ୍ଲାଜ୍‌ମା ବ୍ୟାଙ୍କ୍‌ର ସ୍ଥାପନା ଲିଭର ଏବଂ ବାଇଲାରୀ ସଂସ୍ଥାନରେ କରାଯିବ। ଯାହାକୁ ପ୍ଲାଜ୍‌ମାର ଆବଶ୍ୟକତା ପଡ଼ିବ ସେ ଡାକ୍ତରଙ୍କ ପରାମର୍ଶରେ ପ୍ଲାଜ୍‌ମା ଗ୍ରହଣ କରିପାରିବେ। ରାଜଧାନୀରେ ଅତ୍ୟଧିକ କରୋନା ସଂକ୍ରମଣ ମାମଲାକୁ ନଜରରେ ରଖି ସରକାର ରୋଗୀଙ୍କୁ ପ୍ଲାଜ୍‌ମା ଥେରାପି ଯୋଗାଇଦେବା ନେଇ ଚେଷ୍ଟା କରୁଥିଲେ। ସୂଚନାଯୋଗ୍ୟ, ଦିଲ୍ଲୀ ସରକାର କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ପ୍ଲାଜ୍‌ମା ଥେରାପି ଏବଂ ପଲ୍ସ ଅକ୍ସିମିଟର ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଥିବା ନେଇ ଗତ ଶୁକ୍ରବାର ସୂଚନା ଦେଇଥିଲେ।